AROUND ODISHA
Truth in true form

RNI Regd No: ODIENG/2019/77780 BHUBANESWAR www.aroundodisha.com VOLUME - 3 ISSUE - 17 PRICE - Rs. 2/- SUNDAY 27 JUN 2021

# IQAC, CUO organizes webinar on 'Economics of Calamity Relief Finance in India'

(A.O. Bureau)

Koraput, Jun 26: A webinar on 'Economics of Calamity Relief Finance in India' was organized by the Internal Quality Assurance Cell (IQAC) of the Central University of Odisha on 25.06.2021. Prof. Bhagabata Patro, Visiting Professor, Dept. of Economics, delivered a lecture on the above subject as the key speaker. Prof I Ramabrahmam, Vice-Chancellor, CUO conveyed his best wishes for a successful program and hoped the students of CUO will learn the new dimension of economics relief during the calamities. Chairing the session Prof Sharat Kumar Palita, Dean, SBCNR and Director, IQAC, delivered the welcome address and outlined the physiography, climatic conditions and regular environmental calamities witnessed in India which requires economic relief during crises by both Central and State Govt. Defining epidemic and pandemic he said" "epidemic affects the health of living things in a particular region while pandemic spreads from one county to another and one continents to another". He also highlighted the relief by the Government of India in the present Covid19 pandemic. Dr. Minati Sahoo, Head I/c., Dept. of Economics delivered the introductory note and explained the relevance of the topic by citing the chronology of natural calamities in India. Prof. Patro highlighted the basics of the Government finance system in India, the importance of financial budgeting, the structure of Government accounts, consolidated funds of India, and the history of calamities in India while deliberating the lecture on the above subjects. He outlines the role of the Government to mitigate the disaster. He said, "In a predominantly agrarian economy like ours, the failure of crops over large areas resulting from deficiency or failure of rainfalls, floods, cyclones or the likes necessitates State intervention". While speaking on the scope of calamity relief activities he outlined the seven action plan of the UNDP such as formulation of sound policy and guidelines, prevention and mitigation activities in different levels, preparedness and response before and after any calamity, recovery, reconstruction and rehabilitation, long-run capacity development, adequate financial management and international cooperation in case of a severe calamity. He highlighted the recommendations of Finance Commissions during various financial years on disaster management in India. He also stressed helping the weaker sections of the society by private corporate and rich individuals during the calamities. Shri Prashant Kumar Behera, Asst. Professor, Dept. of Economics and HoD I/c of Business Management extended the vote of thanks. Large numbers of faculty, research scholars and students, including PRO Dr. Phagunath Bhoi, participated on this occasion and interacted with great enthusiasm.



ଧରିତ୍ରୀ
DHARITRI
ରାୟଗଡ଼ା, ରବିବାର, ଜୁନ୍ ୨୭/୨୦୨୧ (୧୨ ପୃଷ୍ଠା+ଛୁଟିଦିନ) Rayagada, Sunday, June 27/2021 ★
୧୧ଶ ଭାଗ ୧୩୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-





# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ୱେବିନାର

**କୋରାପୁଟ,୨୬।୬(ସ୍ୱ.ପ୍ର.)**




ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ସେଲ୍ (ଆଇକ୍ୟୁଏସି) ପକ୍ଷରୁ ଭାରତରେ ପ୍ରାକୃତିକ ବିପର୍ଯ୍ୟୟ ଓ ରିଲିଫର ଅର୍ଥନୀତି ଶୀର୍ଷକ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଅର୍ଥନୀତି ବିଭାଗର ପରିଦର୍ଶକ ପ୍ରଫେସର ଭାଗବତ ପାତ୍ର ମୁଖ୍ୟବକ୍ତା ଭାବେ ଆଲୋଚ୍ୟ ଶୀର୍ଷକ ଉପରେ ନିଜ ବକ୍ତୃତା ରଖିଥିଲେ । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଆଇ. ରାମବ୍ରହ୍ମମ ବିପର୍ଯ୍ୟୟ ସମୟରେ ରିଲିଫ ଅର୍ଥନୀତିର ବିଭିନ୍ନ ଦିଗ ଉପରେ ଜ୍ଞାନର ପରିସର ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ଆଇକ୍ୟୁଏସିର ନିର୍ଦ୍ଦେଶକ ପ୍ରଫେସର ଶରତ କୁମାର ପାଲିତା ଅଧ୍ୟକ୍ଷତା କରି ଭାରତର ଭୌଗୋଳିକ ପରିସ୍ଥିତି ଏବଂ ଦେଖାଯାଇଥିବା ବିଭିନ୍ନ ଅର୍ଥନୈତିକ ରିଲିଫ ଉପରେ ଆଲୋକପାତ କରିଥିଲେ। ଅର୍ଥନୀତି ବିଭାଗର କାର୍ଯ୍ୟକାରୀ ମୁଖ୍ୟ ଡ. ମିନତି ସାହୁ ପ୍ରାରମ୍ଭିକ ବକ୍ତବ୍ୟ ଦେଇଥିଲେ।

Contacts: Dr. Phagunath Bhoi, Public Relations Officer, Central University of Odisha, Koraput
Mo. 7873234023, E-mail: pro@cuo.ac.in

THE ANUPAM BHARAT
# ଅନୁପମ ଭାରତ
www.anupambharatonline.com
PUBLISHED FROM ● BRAHMAPUR ● BHUBANESWAR ● RAYAGADA
ବର୍ଷ ୨୫, ଅଙ୍କ ୨୭୭ | ବ୍ରହ୍ମପୁର | ରବିବାର ୨୭ ଜୁନ୍ ୨୦୨୧ | ୧୨ ପୃଷ୍ଠା | ପାଞ୍ଚ ଟଙ୍କା

# ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଭାରତରେ ପ୍ରାକୃତିକ ବିପର୍ଯ୍ୟୟ ଓ ରିଲିଫର ଅର୍ଥନୀତି ଶୀର୍ଷକ ଅନଲାଇନ ଆଲୋଚନା ଚକ୍ର

କୋରାପୁଟ,୨୬।୬(ଅନୁପମ ମିଡିଆ): ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଗୁଣବତା ନିଶ୍ଚିତତା ସେଲ(ଆଇକ୍ୟୁଏସି) ଆନୁକୂଲ୍ୟରେ ଭାରତରେ ପ୍ରାକୃତିକ ବିପର୍ଯ୍ୟୟ ଓ ରିଲିଫର ଅର୍ଥନୀତି ଶୀର୍ଷକ ଅନଲାଇନ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଆଇ.ରାମବ୍ରହ୍ମମ ଏହି ସଫଳ କାର୍ଯ୍ୟକ୍ରମ ନିମନ୍ତେ ଶୁଭେଚ୍ଛା ଜଣେଇଥିଲେ । ବର୍ଷା , ବନ୍ୟା,ଘୂର୍ଣ୍ଣିବଳୟ କିମ୍ବା ଏହିପରି ଅଭାବ କିମ୍ବା ବିଫଳତା ହେତୁ ଅଧିକାଂଶ ଅଞ୍ଚଳରେ ଫସଲ ଅମଳରେ ବିଫଳତା ଦେଖାଦେଇଥାଏ । ତେଣୁ ଏପରି କ୍ଷେତ୍ରରେ ରାଜ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅର୍ଥନୀତି ବିଭାଗର ପରିଦର୍ଶକ ପ୍ରଫେସର ଭାଗବତ ପାତ୍ର ମୁଖ୍ୟବକ୍ତାଭାବେ ଯୋଗଦେଇ ମତବ୍ୟକ୍ତି କରିଥିଲେ । ଜୈବ ବିବିଧତା ଓ ପ୍ରାକୃତିକ ସଂପଦ ସଂରକ୍ଷଣ ବିଦ୍ୟାପୀଠ ଡିନ ତଥା ଆଇକ୍ୟୁଏସିର ନିର୍ଦ୍ଦେଶକ ପ୍ରଫେସର ଶରତ କୁମାର ପଳିତାଙ୍କ ଅଧ୍ୟକ୍ଷତାରେ ଅନଲାଇନ ଆଲୋଚନା ଚକ୍ର ଆୟୋଜିତ କରାଯାଇଥିଲା । ଅର୍ଥନୀତି ବିଭାଗର କାର୍ଯ୍ୟକାରୀ ମୁଖ୍ୟ ଡ. ମିନତି ସାହୁ ପ୍ରାରମ୍ଭିକ ଭାଷଣ ପ୍ରଦାନ କରି ଭାରତରେ ପ୍ରାକୃତିକ ବିପର୍ଯ୍ୟୟର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ । ଅର୍ଥନୀତି ବିଭାଗର ସହ ପ୍ରାଧ୍ୟାପକ ତଥା ବ୍ୟବସାୟ ପରିଚାଳନା ବିଭାଗର କାର୍ଯ୍ୟକାରୀ ମୁଖ୍ୟ ପ୍ରଶାନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟର ଲୋକ ସଂପର୍କ ଅଧିକାରୀ ଡ.ଫଗୁନାଥ ଭୋଇଙ୍କ ସମେତ ବହୁ ସଂଖ୍ୟକ ଅଧ୍ୟାପକ , ଗବେଷଣା ବିଦ୍ୱାନ ଏବଂ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ ।

କର୍ମଣୋ ହ୍ୟପି ବୋଦ୍ଧବ୍ୟଂ ବୋଦ୍ଧବ୍ୟଂ ଚ ବିକର୍ମଣଃ ।
ଅକର୍ମଣଶ୍ଚ ବୋଦ୍ଧବ୍ୟଂ ଗହନା କର୍ମଣୋ ଗତିଃ ।।
(ଗୀତା - ୪-୧୭)



କର୍ମର ସ୍ୱରୂପ ଜାଣିବା ଉଚିତ । ଅକର୍ମ ଓ ବିକର୍ମର ସ୍ୱରୂପ ମଧ୍ୟ ଜାଣିବା ଉଚିତ; କାରଣ କର୍ମର ଗତି ବଡ଼ ଗହନ ।


ସମାଜ®
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁଦାସ
PRINTED AT CUTTACK, SAMBALPUR, BALESWAR, VISAKHAPATNAM
101 YEARS OF PUBLICATION Daily Edition: R.N.I. No. 4005/57 P.R. No. CK(C)/17/2021-2023








■ Koraput, Sunday 27 June 2021 ■ କୋରାପୁଟ, ରବିବାର ୨୭ ଜୁନ୍ ୨୦୨୧ ■ ଭାଗ- ୯୨ ସଂଖ୍ୟା- ୧୭୪ ■ ଆଜି ମିଥୁନ ୧୩ ଦିନ, ୧୪୨୮ ସାଲ ■ ଆଷାଢ଼ ୬ ଦିନ, ୧୯୪୩ ଶକାବ୍ଦ, କୃଷ୍ଣପକ୍ଷ ତୃତୀୟା ■ www.thesamaja.com www.samajaepaper.com www.samajalive.in ଟ ୬.୦୦ (୧୬ ପୃଷ୍ଠା)


# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପ୍ରାକୃତିକ ବିପର୍ଯ୍ୟୟ ଓ ରିଲିଫର ଅର୍ଥନୀତି ଶୀର୍ଷକ କର୍ମଶାଳା

ସୁନାବେଡ଼ା,୨୬।୬ (ନି.ପ୍ର)-ସୁନାବେଡ଼ା ସ୍ଥିତ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ସେଲ ଆନୁକୂଲ୍ୟରେ 'ଭାରତରେ ପ୍ରାକୃତିକ ବିପର୍ଯ୍ୟୟ ଓ ରିଲିଫର ଅର୍ଥନୀତି' ଶୀର୍ଷକ ଏକ ଆଭାସି କର୍ମଶାଳା ଆୟୋଜିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଆଇ ରାମବ୍ରହ୍ମମ ବିପର୍ଯ୍ୟସ୍ତ ସମୟରେ ରିଲିଫ ଅର୍ଥନୀତିର ବିଭିନ୍ନ ଦିଗ ଉପରେ କହିଥିଲେ । ଅର୍ଥନୀତି ବିଭାଗର ପରିଦର୍ଶକ ପ୍ରଫେସର ଭାଗବତ ପାତ୍ର ବକ୍ତା ଭାବରେ ଯୋଗ ଦେଇ ଭାରତରେ ବିପର୍ଯ୍ୟୟର ଇତିହାସ ଉପରେ କହି ଭାରତର ସରକାରୀ ଅର୍ଥ ବ୍ୟବସ୍ଥାର ମୌଳିକତା, ଆର୍ଥିକ ବଜେଟର ଗୁରୁତ୍ୱ ସରକାରୀ ଆକାଉଣ୍ଟର ଗଠନ, ଭାରତର ଏକତ୍ରିତ ପାଣ୍ଠି ଉପରେ ଆଲୋକପାତ କରିବା ସହ ବିପର୍ଯ୍ୟୟକୁ ହ୍ରାସ କରିବା ପାଇଁ ସରକାରଙ୍କ ଭୂମିକା ବିଷୟରେ ବର୍ଣ୍ଣନା କରିଥିଲେ । ଦେଶର ଅର୍ଥନୀତି ମୁଖ୍ୟତଃ କୃଷିପ୍ରଧାନ ଅର୍ଥନୀତି । ବର୍ଷା, ବନ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଅଧିକାଂଶ ଅଞ୍ଚଳରେ ଫସଲ ଅମଳରେ ବିଫଳତା ଦେଖାଦେଇଥାଏ । ତେଣୁ ଏପରି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ବିପର୍ଯ୍ୟୟ ରିଲିଫ କାର୍ଯ୍ୟକଳାପର ପରିସରରେ ସାତଟି କାର୍ଯ୍ୟ ଯୋଜନା ସୁଦୃଢ଼ ନୀତି, ଏବଂ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବା, ବିଭିନ୍ନ ସ୍ତରରେ ପ୍ରତିରୋଧ କରିବା ଏବଂ ପ୍ରଶମନ କାର୍ଯ୍ୟକଳାପ, କୌଣସି ବିପର୍ଯ୍ୟୟ ପୂର୍ବରୁ ଏବଂ ପରେ ପ୍ରସ୍ତୁତି ଏବଂ ପ୍ରତିକ୍ରିୟା, ପୁନରୁଦ୍ଧାର, ପୁନଃନିର୍ମାଣ ଏବଂ ପୁନରବାସ, ଦୀର୍ଘମିଆଦି ଉପାର୍ଜନ କ୍ଷମତାର ବିକାଶ, ଏକ ଭୟଙ୍କର ବିପର୍ଯ୍ୟୟ କ୍ଷେତ୍ରରେ ପର୍ଯ୍ୟାପ୍ତ ଆର୍ଥିକ ପରିଚାଳନା ଏବଂ ଆନ୍ତର୍ଜାତିୟ ସହଯୋଗ ଏବଂ ଭାରତରେ ବିପର୍ଯ୍ୟୟ ପରିଚାଳନା ଉପରେ ବିଭିନ୍ନ ଆର୍ଥିକ ବର୍ଷରେ ଅର୍ଥ ଆୟୋଗଙ୍କ ସୁପାରିଶ ଉପରେ ପ୍ରଫେସର ପାତ୍ର ଆଲୋକପାତ କରିଥିଲେ । ବିପର୍ଯ୍ୟୟ ସମୟରେ କର୍ପୋରେଟ ଓ ଧନୀ ବ୍ୟକ୍ତିବିଶେଷଙ୍କ ଦ୍ୱାରା ସମାଜର ଦୁର୍ବଳ ବର୍ଗଙ୍କୁ ସାହାଯ୍ୟ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ପ୍ରଫେସର ଶରତ କୁମାର ପାଲିତା ସ୍ୱାଗତ ଭାଷଣ ଦେଇଥିଲେ । ଡ଼. ମୀନତି ସାହୁ ପ୍ରାରମ୍ଭିକ ଭାଷଣ ଦେଇଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଡ଼.ଫଗୁନାଥ ଭୋଇଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଗବେଷଣା ବିଦ୍ୱାନ, ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଅର୍ଥନୀତି ବିଭାଗର ସହ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।


Contacts: Dr. Phagunath Bhoi, Public Relations Officer, Central University of Odisha, Koraput
Mo. 7873234023, E-mail: pro@cuo.ac.in

ଘରେ ରୁହନ୍ତୁ
ସୁସ୍ଥ ରୁହନ୍ତୁ
କରୋନା ସଂକ୍ରମିତଙ୍କ ସଂଖ୍ୟା
• ବିଶ୍ୱ: ୧୮୧,୨୮୮,୪୯୮
• ଭାରତ: ୩,୦୧,୯୨,୦୪୭
• ଓଡ଼ିଶା: ୮,୯୭,୦୭୨ (+୩,୫୫୪)




ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

• RNI REGD NO: 42041/83
• www.sakalaepaper.com
• /thesakalanews
• /TheSakala
• www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR

• VOLUME -19 • ISSUE - 3 • BHUBANESWAR • SUNDAY • 27 JUNE 2021 • PAGE-12 • ₹ 5.00

• ବର୍ଷ-୧୯ • ସଂଖ୍ୟା-୩ • ଭୁବନେଶ୍ୱର • ରବିବାର • ୨୭ ଜୁନ୍ ୨୦୨୧ • ପୃଷ୍ଠା-୧୨ • ଟ.୫.୦୦ (ସିନ୍ଦୂରା ସହ)

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କିତ ୱେବିନାର

**କୋରାପୁଟ, ୨୬।୬(ସମିସ):** କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ସେଲ୍ (ଆଇକ୍ୟୁଏସି) ଆନୁକୁଲ୍ୟରେ 'ଭାରତରେ ପ୍ରାକୃତିକ ବିପର୍ଯ୍ୟୟ ଓ ରିଲିଫ୍ ଅର୍ଥନୀତି' ଶୀର୍ଷକ ଏକ ୱେବିନର ଶୁକ୍ରବାର ଆୟୋଜିତ ହୋଇଯାଇଛି । ଅର୍ଥନୀତି ବିଭାଗର ପରିଦର୍ଶକ ପ୍ରଫେସର ଭାଗବତ ପାତ୍ର ଏଥିରେ ବକ୍ତା ଭାବେ ଯୋଗଦେଇ ଉପରୋକ୍ତ ଶୀର୍ଷକ ଉପରେ ଆଲୋଚନା କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଆଇ ରାମବ୍ରହ୍ମମ୍ ୱେବିନାରର ଉଦ୍ଦେଶ୍ୟ ନେଇ ଆଲୋଚନା କରିବା ସହ ଏହାଦ୍ୱାରା ଛାତ୍ରଛାତ୍ରୀମାନେ ବିପର୍ଯ୍ୟୟ ସମୟରେ ରିଲିଫ ଅର୍ଥନୀତିର ବିଭିନ୍ନ ଦିଗ ଉପରେ ଜ୍ଞାନର ପରିସର ବୃଦ୍ଧି କରିପାରିବେ ବୋଲି ଆଶା ବ୍ୟକ୍ତ କରିଥିଲେ । ଅଧିବେଶନର ଅଧ୍ୟକ୍ଷତା କରି ଜୈବ ବିବିଧତା ଓ ପ୍ରକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାପୀଠର ଡିନ ତଥା ଆଇକ୍ୟୁଏସିର ନିର୍ଦ୍ଦେଶକ ପ୍ରଫେସର ଶରତ କୁମାର ପଲିତା ଭାରତର ଭୌଗୋଳିକ ପରିସ୍ଥିତି, ଦେଖାଯାଇଥିବା ବିଭିନ୍ନ ପ୍ରକାରର ବିପର୍ଯ୍ୟୟ ଓ ସଙ୍କଟ ସମୟରେ ବିଭିନ୍ନ ପ୍ରକାରର ଅର୍ଥନୈତିକ ରିଲିଫ ବିଷୟରେ ବର୍ଣ୍ଣନା କରିଥିଲେ। ମହାମାରୀ ଏବଂ ସର୍ବବ୍ୟାପୀ ମହାମାରୀକୁ ବ୍ୟାଖ୍ୟା କରି ସେ କହିଥିଲେ, ମହାମାରୀ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଜୀବନଯାପନ ଓ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଥିବା ବେଳେ ସର୍ବବ୍ୟାପୀ ମହାମାରୀ ଗୋଟିଏ ଦେଶରୁ ଆଉ ଗୋଟିଏ ଦେଶ ଏବଂ ଗୋଟିଏ ମହାଦେଶରୁ ଅନ୍ୟ ମହାଦେଶକୁ ବ୍ୟାପୁଥିବା ସେ କହିଥିଲେ । ବର୍ତ୍ତମାନର କୋଭିଡ ୧୯ ମହାମାରୀରେ ଭାରତ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ । ଅର୍ଥନୀତି ବିଭାଗର କାର୍ଯ୍ୟକାରୀ ମୁଖ୍ୟ ଡ. ମିନତି ସାହୁ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ । ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




Contacts: D ... versity of Odisha, Koraput
Mo. 7873234023, E-mail: pro@cuo.ac.in

## Online News Portal Web Link:

https://orissadiary.com/iqac-cuo-organizes-webinar-on-economics-of-calamity-relief-finance-in-india/

https://www.prameyanews.com/cuo-organizes-webinar-on-economics-of-calamity-relief-finance-in-india/

https://pragativadi.com/cuo-organizes-webinar-on-economics-of-calamity-relief-finance-in-india/

http://dhunt.in/hWsHB?s=a&uu=0xea23f5e648584350&ss=wsp

https://nisarta.com/?p=6763